ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ଏପ୍ରିଲ୍ ୧୪, ୨୦୨୧



### ଜିଲାପାଳଙ୍କ ନାରାୟଣପାଟଣା ଗସ୍ତ

କୋରାପୁଟ/ନାରାୟଣପାଟଣା,(ସ୍ୱ.ପ୍ର./ଡି.ଏନ.ଏ.)- କୋରାପୁଟ ଜିଲାପାଳ ଏମ.ଡି ଅବଦଲ ଅଖତର ମଙ୍ଗଳବାର ନାରାୟଣପାଟଣା ଗସ୍ତରେ ଆସିଥିଲେ। ଏଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଉନ୍ନତି ନେଇ ପରିଚାଳନା କମିଟି ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ୨ଟି ସ୍ମାର୍ଟ କ୍ଲାସ ରୁମ ସହ ବିଜ୍ଞାନଗାରର ଉନ୍ନତି କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଆଲୋଚନା ସମୟରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାଗ, ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ବିଡ଼ିକା, ସହକାରୀ ଶିକ୍ଷକ ସୁରେଶ ସୁରିଙ୍କ ସମେତ କମିଟି ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ନବମ ଶ୍ରେଣୀ ଛାତ୍ରୀ ଜ୍ୟୋତିଆଦିତ୍ୟ ପାଢ଼ୀ ଓ ଦଶମ ଶ୍ରେଣୀର ଛାତ୍ରୀ ମୋନାଲିସା ପୁରୁସେଠଙ୍କ ସହ ମତ ନେଇଥିଲେ। ସେମାନଙ୍କ ମତାମତ ଶୁଣି ଜିଲାପାଳ ଉଭୟଙ୍କୁ ପ୍ରଶଂସା କରିଥିଲେ।

## ସଂକ୍ଷେପରେ

### ସ୍ୱାଭିମାନ ଅଞ୍ଚଳ ଗସ୍ତ ପରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି

ଚିତ୍ରକୋଣ୍ଡା,୧୩।୪(ଡି.ଏନ.ଏ.)- ଚଳିତ ମାସ ପ୍ରଥମ ସପ୍ତାହରେ ଲାଲଗଡରେ ପ୍ରଥମ କରି ପାଦ ଦେଇଥିଲେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି । ସେ ସ୍ୱାଭିମାନ ଅଂଚଳର ଜୋଡ଼ାମ୍ବ, ପଣସପୁଟ ଓ ଅଣ୍ଡିରାପାଲି ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ବିକାଶମୂଳକ କାର୍ଯ୍ୟ ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଆଲୋଚନା ବେଳେ ଉକ୍ତ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଓ ଚାଷଜମିକୁ ଜଳସେଚନ ନ ଥିବା ଗ୍ରାମବାସୀ ଜଣାଇଥିଲେ। ଏଠାରୁ ଯିବା ପରେ ଏମ୍‌ପି ମାଝି ଚିଠି ନଂ. ୬୫୭/ ଏବଂ ୬୫୮/ରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି। ସ୍ୱାଭିମାନ ଅଞ୍ଚଳର ପଣଷପୁଟ, ଜୋଡ଼ାମ୍ବ ଏବଂ ଅଣ୍ଡିରାପାଲି ପଞ୍ଚାୟତ ପାଇଁ ପାନୀୟ ଜଳ, ଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରିବା ଏବଂ ପଣଷପୁଟ ଏସଏସଡି ବିଦ୍ୟାଳୟକୁ ମହାବିଦ୍ୟାଳୟରେ ପରିଣତ କରିବାକୁ ଚଠିରେ ଅବଗତ କରାଇଛନ୍ତି। ଏହି ଆଦିବାସୀ ଅଞ୍ଚଳର ବିଦ୍ୟାଳୟଟି ମହାବିଦ୍ୟାଳୟରେ ପରିଣତ ହେଲେ ଅନେକ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଭ କରି ଉପକୃତ ହେବେ ବୋଲି ଏମ୍‌ପି ଚିଠିରେ ଉଲ୍ଲେଖ କରିଥିବା ଜଣାପଡିଛି।

### ଅଚିହ୍ନା ମୃତଦେହ ଜବତ

ଚିତ୍ରକୋଣ୍ଡା,୧୩।୪(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପାପରମେଟେଲା ଥାନା ଅନ୍ତର୍ଗତ ଜାମଯୋଡି ନଦୀରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ଜାମଯୋଡି ନଦୀରେ ଏକ ମୃତଦେହ ଭାସୁଥିବା ପାପରମେଟେଲା ଗ୍ରାମବାସୀ ଥାନାକୁ ଖବର ଦେବା ପରେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି କହିଛନ୍ତି। ଏନେଇ ପାପରମେଟେଲା ଥାନାରେ ୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରି ରଖାଯାଇଛି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ କୌଣସି ପରିଚୟ କିମ୍ବା ଠିକଣା ମିଳିପାରିନାହିଁ।

### ୨ମାସ ହେଲା ମରାମତି ହେଉନି ସେମିଳିପୁଟ ନଳକୂପ



ନନ୍ଦପୁର,୧୩।୪ (ଡି.ଏନ.ଏ.)-କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଲାପୁଟ ପଞ୍ଚାୟତର୧୨ ନମ୍ବର ୱାର୍ଡ ସେମିଳିପୁଟ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏଠାରେ ୨୩ଟି ପରିବାର ଗୋଟିଏ ନଳକୂପ ରହିଛି। ମାତ୍ର ସେହି ନଳକୂପ ଦୁଇ ମାସ ହେଲା ଅଚଳ ହୋଇପଡିଛି। ଗ୍ରାମବାସୀ ଦେଢ଼ କି.ମି. ଦୂର କାକୁଆ ଗ୍ରାମ ନିକଟସ୍ଥ ନଦୀଘାଟରେ ଚୁଆ ପରି ଛୋଟ ଛୋଟ ଗାତ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି। ଏହି ସମସ୍ୟା ନେଇ ସରପଞ୍ଚ, ୱାର୍ଡ ସଭ୍ୟ ବ୍ଲକ ଜଳ ଯୋଗାଣ ବିଭାଗକୁ ଅବଗତ କରିଥିଲେ ମଧ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୀଘ୍ର ଗ୍ରାମର ଅଚଳ ନଳକୂପ କୁ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ନଳକୂପ ମରାମତି ନିମନ୍ତେ ପ୍ରତିଦିନ ଦୁଇଟି ଗାଡ଼ିରେ କର୍ମଚାରୀମାନେ ଅଞ୍ଚଳ ବୁଲି କାମ କରୁଛନ୍ତି। ସେମିଳିପୁଟ ଗ୍ରାମରେ ମଧ ସେମାନେ ପହଞ୍ଚିବେ ବୋଲି କହିଛନ୍ତି। ତେବେ ଗ୍ରାମରେ ପହଞ୍ଚିବାକୁ କର୍ମଚାରୀଙ୍କୁ ଆଉ କେତେ ଦିନ ଲାଗିବ ତାହା ଦେଖିବାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି।

# ଅନ୍‌ଲାଇନ ପରୀକ୍ଷା ଦାବି ନ ଶୁଣିବାରୁ କଲେଜରେ ଛାତ୍ର ଅଶାନ୍ତି

ଜୟପୁର,୧୩।୪(ନି.ପ୍ର.)



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରମାନଙ୍କ ସହ ଅଧକ୍ଷ ଆଲୋଚନା କରୁଛନ୍ତି।

- ଅଫ୍‌ଲାଇନ ପରୀକ୍ଷା ହେଲେ କରୋନା ସଂକ୍ରମଣ ଆଶଙ୍କା
- ଉଚ୍ଚଶିକ୍ଷା ବିଭାଗରୁ ମିଳିଲାନି ଅଧକ୍ଷଙ୍କ ଚିଠିର ଉତ୍ତର
- ଇଣ୍ଟରନାଲ ପରୀକ୍ଷା ବେଳେ ପରୀକ୍ଷାଖାତା ଚିରିଲେ

ଯୁକ୍ତ ୩ ଶେଷବର୍ଷ ସେମିଷ୍ଟର ପରୀକ୍ଷା ଆସନ୍ତା ୧୯ ତାରିଖରେ ଆରମ୍ଭ ହେବ। ଚଳିତ ବର୍ଷ ଏହି ପରୀକ୍ଷା ଅଫ୍‌ଲାଇନ ବଦଳରେ ଅନ୍‌ଲାଇନ ମାଧ୍ୟମରେ କରିବାକୁ ମଙ୍ଗଳବାର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ବର୍ତ୍ତମାନ କରୋନା ମହାମାରୀ ବଢ଼ିବାରେ ଲାଗିଛି। କଲେଜ କ୍ୟାମ୍ପସରୁ ଇତି ମଧ୍ୟରେ ୩ ଜଣ କରୋନା ପଜିଟିଭ ମଧ ଠାବ ହୋଇଛି। ଏପରି ସ୍ଥିତିରେ ଅଫ୍‌ଲାଇନ ପରୀକ୍ଷା କଲେ କରୋନା ସଂକ୍ରମଣ ବୃଦ୍ଧି ପାଇପାରେ ବୋଲି ଛାତ୍ରୀଛାତ୍ରମାନେ ଆଶଙ୍କା କରିଛନ୍ତି। ଅନ୍‌ଲାଇନରେ ପରୀକ୍ଷା କରିବା ନେଇ ସୋମବାର ଛାତ୍ରୀଛାତ୍ରମାନେ ଅଧକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଅଧକ୍ଷ ଗୋପାଳକୃଷ୍ଣ ହଲ୍‌ଦାର ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଇଥିଲେ। ଉଚ୍ଚଶିକ୍ଷା ବିଭାଗରୁ କୌଣସି ଉତ୍ତର ନ ଆସିବାରୁ ସମସ୍ତ ଛାତ୍ରୀଛାତ୍ର ଅଫ୍‌ଲାଇନ ପରୀକ୍ଷା ଦେବେ ବୋଲି ଅଧକ୍ଷ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ଛାତ୍ରୀଛାତ୍ରମାନେ ଇଣ୍ଟରନାଲ ପରୀକ୍ଷା ଦେଉଥିବା ବେଳେ କେତେଜଣ ଛାତ୍ର ପରୀକ୍ଷାଖାତାଗୁଡିକୁ ଚିରିଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ଅଧକ୍ଷ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ୧ଘଣ୍ଟା ସମୟ ଦେଇ ପୁଣି ଥରେ ପରୀକ୍ଷା ଆରମ୍ଭ କରିଥିଲେ।

ଅନ୍ୟପକ୍ଷରେ ରାଜ୍ୟର ସମସ୍ତ କଲେଜରେ ଅନ୍‌ଲାଇନ ପରୀକ୍ଷା ହେଉଥିବା ବେଳେ କେବଳ ଜୟପୁର ବିକ୍ରମଦେବ କଲେଜରେ ଅଫ୍‌ଲାଇନ ପରୀକ୍ଷା ହେଉଛି। କରୋନା ଭୟରେ ସେମାନେ ଠିକ୍ ରୂପେ ପଢ଼ାପଢ଼ି କରିପାରୁନାହାନ୍ତି ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏନେଇ କଲେଜ ଅଧକ୍ଷ ହଲ୍‌ଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଯେତେଦିନ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ଉତ୍ତର ନ ଆସିଛି ସେତେଦିନ ପର୍ଯ୍ୟନ୍ତ ଅଫ୍‌ଲାଇନ ପରୀକ୍ଷା କରାଯିବ। ଏନେଇ ଛାତ୍ରମାନେ ସୃଷ୍ଟି କରିଥିବା ବିଶୃଙ୍ଖଳା ସମ୍ପର୍କରେ ସେ ଉପଜିଲାପାଳ ଓ ଥାନାରେ ଜଣାଇଥିବା କହିଛନ୍ତି ।

## ମାସ୍କ ଯାଞ୍ଚ ବେଳେ ବିନା କାରଣରେ ବ୍ୟବସାୟୀଙ୍କୁ ମାଡ଼ ମାରିଲା ପୋଲିସ

ଲମତାପୁଟ,୧୩।୪(ଡି.ଏନ.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକରେ ମାସ୍କ ଯାଞ୍ଚ ଆଳରେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଅଭିଯୋଗ ହୋଇଛି। ଜଣେ ବ୍ୟବସାୟୀଙ୍କୁ ମାସ୍କ ପିନ୍ଧି ନ ଥିବାରୁ ତାଙ୍କୁ ଜରିମାନା ସହ ମାଡ଼ ମାରିଛି। ଖବରରୁ ଜଣାପଡିଛି ମଙ୍ଗଳବାର ଲମତାପୁଟ ଫାଣ୍ଡି ନିକଟରେ ପୋଲିସ ମାସ୍କ ଯାଞ୍ଚ କରୁଥିଲା। ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରୁଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ବୁଲୁ ଦୋରା ଜିନିଷପତ୍ର ଧରି ଗୋଦାମରେ ରଖିବାକୁ ଯାଉଥିଲେ। ସେ ମାସ୍କଟି ନ ପିନ୍ଧି ହାତରେ ଧରିଥିଲେ। ପୋଲିସ ତାଙ୍କୁ ଧରି ୫ଶହ ଟଙ୍କା ଜରିମାନା ଆଦାୟ କରିଥିଲା। ପରେ ସେ ଗୋଦାମକୁ ଯାଇ ତାଲା ଖୋଲୁଥିଲେ। ଏହି ସମୟରେ ପୁଣି ପୋଲିସ ସେଠାରେ ପହଞ୍ଚି ତାଙ୍କୁ ବିଭିନ୍ନ କଥା ପଚାରି ମାଡ଼ ମାରିଥିଲା। ତାଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଖବରପାଇ ତାଙ୍କ ବାପା ଥାନାକୁ ଯାଇ ଦୋରାଙ୍କୁ ଆଣିଥିଲେ। ପୋଲିସର ଏପରି କାର୍ଯ୍ୟନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ପ୍ରକୃତ ହିତାଧିକାରୀଙ୍କୁ ଆବାସ ନାହିଁ



ରୂପିଲା ରହୁଥିବା ଭଙ୍ଗାଦଦରା ଘର।

ଏମ୍‌ଭି ୭୯,୧୩।୪(ଡି.ଏନ୍.ଏ.)

ସରକାର ଯୋଜନା ପରେ ଯୋଜନା କରି ଚାଲିଥିବା ବେଳେ ଅନେକ କ୍ଷେତ୍ରରେ ଏହାର ଲାଭ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଏହା ଦେଖିବାକୁ କାହାରି ପାଖରେ ସମୟ ନାହିଁ । ସରକାରଙ୍କ ଏକ ଜନହିତକାରୀ ଯୋଜନା ହେଉଛି 'ଆବାସ ଯୋଜନା'। ଆର୍ଥିକ ଅନଗ୍ରସର ଶ୍ରେଣୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ଅନେକ ଅସହାୟ ପରିବାର ପାଖରେ ପହଞ୍ଚିପାରୁନାହିଁ। ଫଳରେ ଘର ବିନା ଦୁର୍ଦ୍ଦିନରେ ବିତୁଛି ଅନେକ ପରିବାରର ଜୀବନ। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ବ୍ଲକ ମହାରାଜପାଲି ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି- ୮୧ ଗ୍ରାମରେ। ଏହି ଗ୍ରାମର ରୂପିଲା ରାୟ ସ୍ୱାମୀଙ୍କ ମୃତ୍ୟୁ ପରେ ଦୀର୍ଘ ୨୨ ବର୍ଷ ହେବ ଏକ ଭଙ୍ଗାଦଦରା ମାଟିଘରେ ୨ ପୁଅଙ୍କୁ ଧରି ରହି ଆସୁଥିଲେ। ଏବେ ସେହି ଘରଟି ଭାଙ୍ଗି ପଡିବାରୁ ଭଙ୍ଗା ଆଜବେଷ୍ଟସ ଏବଂ ଟିଣ ପକାଇ ଏକ କୁଡ଼ିଆ କରି ବିପଦସଙ୍କୁଳ ଅବସ୍ଥାରେ ରହିଆସୁଛନ୍ତି । ବିଭିନ୍ନ ସମୟରେ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ପଞ୍ଚାୟତ ଅଫିସରେ ବାରମ୍ବାର ଜଣାଇ ଆସୁଥିଲେ ମଧ କେହି ଶୁଣିନାହାନ୍ତି ତାଙ୍କ କଥା। ପରିବାର ଚଳାଇବାକୁ ଦୁଇ ପୁଅ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଗ୍ରାମରେ ଏକୁଟିଆ ରହୁଥିବା ରୂପିଲା କିଡ୍‌ନୀ ରୋଗରେ ପୀଡ଼ିତ ହୋଇଛନ୍ତି। ତାଙ୍କ ପରି ଗରିବ ପରିବାର ଆବାସଟିଏ ପାଉ ନ ଥିବାରୁ ଏହି ଯୋଜନା କାହାପାଇଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ କାଲିମେଳା ବିଡିଓ ଉମାଶଙ୍କର ଦଳେଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଅବଗତ କରାଇବା ପରେ ସେ ରୂପିଲାଙ୍କ ପାଇଁ ଏ ଦିଗରେ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଜଳ କଷ୍ଟ ଭୋଗୁଛନ୍ତି କଲୋନି-୧୨ ଅଞ୍ଚଳ ବାସିନ୍ଦା

କୋରୁକୋଣ୍ଡା, ୧୩।୪(ଡି.ଏନ.ଏ.)

- ଓଏଚ୍‌ପିସିଠାରୁ ପିଏଚ୍‌ଡି ଦାୟିତ୍ୱ ନେବାଦିନୁ ବଢୁଛି ସମସ୍ୟା
- ଏବେ ପାଇପ୍ କଣା କରି ଜଳ ସଂଗ୍ରହ କରୁଛନ୍ତି ଅଞ୍ଚଳବାସୀ
- ସମସ୍ୟା ସମାଧାନ ନ କଲେ ହେବ ଆନ୍ଦୋଳନ

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିର ୧୨ ନଂ. ୱାର୍ଡସ୍ଥିତ କଲୋନି-୧୨ ଅଞ୍ଚଳରେ ଦୀର୍ଘ ୫ ବର୍ଷ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟା ସୁଧୁରୁନାହିଁ। ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଛନ୍ତି ୭ ପରିବାର। ଜଳ ବିଦ୍ୟୁତ୍ କେନ୍ଦ୍ର ସମ୍ମୁଖରେ ଏହି ଅଞ୍ଚଳର ବାସିନ୍ଦାଙ୍କ ଲାଗି ପାନୀୟ ଜଳ ପାଲଟିଛି ସାତସପନ। ୫ ବର୍ଷ ତଳେ ଏମାନଙ୍କୁ ପାଇପ ଯୋଗେ ଘରକୁ ପାଣି ଯୋଗାଉଥିଲା ଓଏଚ୍‌ପିସି। ପରେ ତାହା ପିଏଚ୍‌ଡିକୁ ହସ୍ତାନ୍ତର କରାଯାଇଥିଲା। ଏହାପରଠାରୁ ଅଞ୍ଚଳବାସୀଙ୍କୁ ଜଳସମସ୍ୟା ଭୋଗିବାକୁ ପଡୁଛି। ନିଜ ଘରକୁ ପାଇପ ସଂଯୋଗ ନେବାକୁ ସମସ୍ତ ପ୍ରମାଣପତ୍ର ପିଏଚ୍‌ଡିରେ ଦାଖଲ କରିଥିଲେ ସୁଦ୍ଧା ବିଭିନ୍ନ ଆଳ ଦେଖାଇ ତମକୁ ପାଣି ଦେବାକୁ କୌଣସି ବ୍ୟବସ୍ଥା ନାହିଁ ବୋଲି କହୁଛନ୍ତି ବିଭାଗର ଠିକାଦାର ଆର୍.କେ. ଜେନାମଣି। ଏହି ଅଞ୍ଚଳ ଦେଇ ପାଇପ ଯୋଗେ ସହର ମଧ୍ୟକୁ ପାଣି ଛଡାଯାଉଛି ଅଥଚ କଲୋନି-୧୨ ଅଞ୍ଚଳର ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଶେଷରେ ବାଧହୋଇ ଅଞ୍ଚଳବାସୀ ନିଜ ଘର ସମ୍ମୁଖ ଦେଇ ଯାଇଥିବା ପାଇପ କଣା କରି ତା' ଚାରିପଟେ ଇଟା କାନ୍ଥ କରି ଆସୁଥିବା ପାଣି ସଂଗ୍ରହ କରି ଚଳୁଥିବା ଦେଖିବାକୁ ମିଳୁଛି। ଏହି ଅଞ୍ଚଳରେ କଲୋନି-୧୨ ପ୍ରାଥମିକ ବିଦ୍ୟାଳୟ ଏବଂ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ପଢିବାକୁ ଆସୁଥିବା ଛୋଟଛୋଟ ପିଲାମାନେ ମଧ ପାନୀୟ ଜଳ ପିଇବାକୁ ନ ପାଇ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଏନ୍‌ଏସିର ବିଭିନ୍ନ ୱାର୍ଡରେ ଥିବା ଷ୍ଟାଣ୍ଡପୋଷ୍ଟ ଗୁଡିକରୁ ଅଧିକାଂଶ ପାଇପର ଟ୍ୟାପ ନ ଥିବାରୁ ଅଯଥାରେ ବହୁ ପରିମାଣରେ ପାଣି ନଷ୍ଟ ହେଉଥିବା ବେଳେ ଏହି ଅଞ୍ଚଳର ଲୋକମାନେ ମୁନ୍ଦାଏ ପାଣି ପାଉନାହାନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ଆମେ ଆନ୍ଦୋଳନ କରିବୁ ବୋଲି ଗ୍ରାମର ମଙ୍ଗୁଳି ଆପୋଟ, ଭଗବାନ ଗୌଡ଼, ଅର୍ଜୁନ ଦଳାଇ, ମନୁ ଦଳାଇ, କଂସୁଲା ଦଳାଇ, ରମେଶ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଚେତାବନୀ ଦେଇଛନ୍ତି।

## ହାଲ୍ ଶ୍ରମିକ ସଂଘ ଗୁପ୍ତ ଭୋଟ ନିର୍ବାଚନ
## ଏଚ୍‌ଏଇଏ ଶ୍ରମିକ ସଂଘ ବିଜୟୀ

ସୁନାବେଡା,୧୩।୪(ସ୍ୱ.ପ୍ର.)

ସୁନାବେଡା ହାଲ୍‌ର ୩ଟି ଶ୍ରମିକ ସଂଘର ଗୁପ୍ତ ଭୋଟ ନିର୍ବାଚନ ହାଲ ଶିକ୍ଷାଞ୍ଚଳ ପରିସର ପ୍ରଶାସନିକ କାର୍ଯ୍ୟାଳୟଠାରେ ମଙ୍ଗଳବାର ଶେଷ ହୋଇଛି। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ନିର୍ବାଚନ ହୋଇଥିଲା। ଏଥିପାଇଁ ହାଲ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଯାଇଥିଲା। ହାଲ୍‌ରେ ଥିବା ଦୁଇଟି ବିଭାଗ ଇଞ୍ଜିନ ବିଭାଗ ଓ ସୁଖୋଇ ବିଭାଗରେ ଶ୍ରମିକଙ୍କ ଭୋଟ ଦାନ ନିମନ୍ତେ ୫ଟି ପୋଲିଂ ବୁଥ କରାଯାଇଥିଲା। ହାଲର କାର୍ଯ୍ୟରତ ୨୩୭୧ ଜଣ ଶ୍ରମିକଙ୍କ ମଧ୍ୟରୁ ୨୨୮୦ ଜଣ ଶ୍ରମିକ ଭୋଟ ଦେଇଥିଲେ। ସନ୍ଧ୍ୟା ୭ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇଛି। ୧୦୫୧ ଭୋଟ ପାଇ ହାଲର ସର୍ବ ପୁରାତନ ଏଚଏଇଏ ଶ୍ରମିକ ସଂଘ ପ୍ରଥମ ସ୍ଥାନରେ ରହି ବିଜୟୀ ହୋଇଛି। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଏଚଏଏମଏସ ଶ୍ରମିକ ସଂଘ ୯୮୪ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଏବଂ ବିଏଇୟୁ ଶ୍ରମିକ ସଂଘ ୨୨୭ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିବା ଜଣାପଡିଛି। ରିଟର୍ଣ୍ଣିଂ ଅଫିସର ରୂପେ ଡେପୁଟି ଚିଫ ଲେବର କମିଶନର ଶକୁନ୍ତଳା ପଟ୍ଟନାୟକ ଓ ଅତିରିକ୍ତ ରିଟର୍ଣ୍ଣିଂ ଅଫିସର ରୂପେ ଏସ.କେ ସେଠୀ ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ ଏଚଏଇଏ ଶ୍ରମିକ ସଂଘ ହାଲ୍‌ର ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ରୂପେ ବିବେଚିତ ହେବେ।

## ଝଡ଼ତୋଫାନରେ ଉଡ଼ିଗଲା ଘର, ଦୋକାନ ଆଜବେଷ୍ଟସ



ତୋଫାନରେ ହରିଙ୍କ ଘର ଆଜବେଷ୍ଟସ ଉଡ଼ିଯାଇଛି।

ଦଶମନ୍ତପୁର,୧୩।୪(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ମରିଚଗୁଡ଼ା ଗ୍ରାମରେ ମଙ୍ଗଳବାର ଝଡତୋଫାନ ହୋଇଛି। ଏଥିରେ ହରି ବିଶୋୟୀଙ୍କ ଘର ଏବଂ ଦୋକାନ ଘର କ୍ଷତିଗ୍ରସ୍ତ ହୋଇଛି। ତାଙ୍କ ଘର ଏବଂ ଦୋକାନ ଘରର ଆଜବେଷ୍ଟସ୍‌କୁ ପବନ ଉଡାଇ ନେଇଛି। ଫଳରେ ଦୋକାନରେ ବିକ୍ରୟ ପାଇଁ ଥିବା ସାମଗ୍ରୀ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ଘରର ୫୦ କିଲୋ ଚାଉଳ ସହ ଅନ୍ୟାନ୍ୟ ଆସବାବପତ୍ର ମଧ ନଷ୍ଟ ହୋଇଛି। ଏବେ ସେ ବେସାହାରା ହୋଇ ଗ୍ରାମର ଜଣେ ପଡ଼ୋଶୀଙ୍କ ଘରେ ପିଲାଙ୍କୁ ଧରି ଆଶ୍ରୟ ନେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ ଜଣାଇବାରୁ ସେ ଆର୍‌ଆଇଙ୍କୁ ପଠାଇ ଏହାର ତଦନ୍ତ କରିବେ। ରିପୋର୍ଟ ଆସିବା ପରେ ସରକାରୀ ସହାୟତା ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ହାଟରେ ମାସ୍କ ବ୍ୟବହାର ନ କରି ଜରିମାନା ଗଣିଲେ ଲୋକେ

ପଟ୍ଟାଙ୍ଗୀ,୧୩।୪(ଡି.ଏନ.ଏ.)



ପୋଲିସ ଜରିମାନା ଆଦାୟ କରୁଛି ।

**ବ୍ୟବସାୟୀଙ୍କଠାରୁ ଜିନିଷପତ୍ର ଜୋର କରି ଆଣିଲେ ପୋଲିସ କର୍ମଚାରୀ**

ରାଜ୍ୟରେ କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କରୋନା କଟକଣା ପାଳନ କରିବା ଲାଗି ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଯାଇଛି। ତଥାପି କେତେଜଣ ଅମାନିଆ ଏହାକୁ ମାନୁନାହାନ୍ତି। ମଙ୍ଗଳବାର ପଟ୍ଟାଙ୍ଗୀ ତହସିଲ ଓ ପୋଲିସ ନିୟମିତ ମାସ୍କ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ । ଏହି ସମୟରେ କେତେଜଣ ଅମାନିଆ କଲେଜ ଛାତ୍ରୀଛାତ୍ର, ହାଟକୁ ଆସିଥିବା ବ୍ୟବସାୟୀ ଏବଂ କେତେଜଣ ବ୍ୟକ୍ତି ମାସ୍କ ବ୍ୟବହାର କରି ନ ଥିବା ଉଭୟ ଅଧିକାରୀଙ୍କ ନଜରକୁ ଆସିଥିଲା। ସଙ୍ଗେସଙ୍ଗେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ମୋଟ ୧୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ବ୍ଲକ ସଦର ମହକୁମାରେ ଥିବା ହୋଟେଲ ଏବଂ ଅନ୍ୟ ଦୋକାନକୁ ଯାଇ ଉଭୟ ଅଧିକାରୀ ଦୋକାନରେ ଅଯଥା ଭିଡ ନ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତେ ଯେପରି ମାସ୍କ ପିନ୍ଧିଥିବେ ସେଥିପ୍ରତି ନଜର ରଖିବାକୁ କହିଥିଲେ। ସୂଚନାଯୋଗ୍ୟ, ହାଟରେ ତହସିଲଦାର ମଣ୍ଡଳ ଓ ଥାନା ଅଧିକାରୀ ସେଠ ଲୋକଙ୍କୁ ସଚେତନ କରୁଥିବା ବେଳେ ପୋଲିସ ବିଭାଗର ଯାଇଥିବା ଅନ୍ୟଜଣେ ଅଧିକାରୀ ହାଟକୁ ଆସିଥିବା ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ ଆଳରେ ବିକ୍ରି କରିବାକୁ ଆଣିଥିବା ସାମଗ୍ରୀ ଜୋର ଜବରଦସ୍ତ ନେଉଥିବା ଦେଖିବାକୁ ମିଳିଥିଲା। ଏଏସ୍‌ଆଇ ମଧୁ ନାୟକ, ତହସିଲ କାର୍ଯ୍ୟାଳୟର ଭାସ୍କର ଡାକୁଆଙ୍କ ସମେତ ଅନ୍ୟମାନେ ଯାଞ୍ଚରେ ସାମିଲ ହୋଇଥିଲେ।

### ଥାନା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଚିତ୍ରକୋଣ୍ଡା,୧୩।୪(ଡି.ଏନ.ଏ.)-ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ପାପରମେଟେଲା ଥାନାରେ କାର୍ଯ୍ୟ କରୁଥିବା ଥାନା ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଦୁଲିଙ୍କ ଇତି ମଧ୍ୟରେ ନବରଙ୍ଗପୁର ବଦଳି ହୋଇ ଯାଇଛି । ଏହି ଅବସରରେ ତାଙ୍କୁ ଅଞ୍ଚଳର ଜନସାଧାରଣ, ସିସିଆରଟି ଟିମ୍, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ବିଦାୟକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

## କୋରାପୁଟ ଜିଲାରେ କରୋନା ସ୍ଥିତି ଉପରମୁହାଁ

କୋରାପୁଟ,୧୩।୪(ସ୍ୱ.ପ୍ର.)- କୋରାପୁଟ ଜିଲାରେ କରୋନା ସ୍ଥିତ ଏବେ ଉପରମୁହାଁ ହେବାରେ ଲାଗିଛି। ପ୍ରତ୍ୟେକ ଦିନ ଜିଲାରୁ ୧ରୁ ୯ ସଂଖ୍ୟା ମଧ୍ୟରେ ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ମଙ୍ଗଳବାର ଏହା ଦୁଇ ଅଙ୍କ ଛୁଇଁଛି। ଜିଲାରେ ୧୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ବୋରିଗୁମ୍ମା ବ୍ଲକର ଆଉଁଳି ଗ୍ରାମରୁ ଜଣେ ଚିହ୍ନଟ ହୋଇଥିବାବେଳେ ଜୟପୁର ବ୍ଲକର ଆମ୍ବାଗୁଡା ଗ୍ରାମରୁ ଜଣେ, ଜୟପୁର ପୌରାଞ୍ଚଳରୁ ୨,କୋରାପୁଟ ପୌରାଞ୍ଚଳରୁ ୨, ବନ୍ଧୁଗାଁ ବ୍ଲକ ବଡସରଲି ଗ୍ରାମରୁ ଜଣେ, କୋରାପୁଟ ବ୍ଲକ ନାଲକୋ ଟାଉନସିପରୁ ଜଣେ, କୋଟପାଡ ଏନଏସିର ବଣ୍ଡାଗୁଡା ଗ୍ରାମରୁ ଜଣେ, ସୁନାବେଡା ପୌରାଞ୍ଚଳ ସେମିଳିଗୁଡାର ସମବାଇ କଲୋନୀରୁ ଜଣେ ଚିହ୍ନଟ ହୋଇଛନ୍ତି ।

# ନିଷ୍ଠାପର ଉଦ୍ୟମ ଶିକ୍ଷା ଅନୁଷ୍ଠାନକୁ ସଫଳତା ଦେଇଥାଏ

କୋରାପୁଟ,୧୩।୪(ସ୍ୱ.ପ୍ର.)

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠାନ ଗଠନରେ ଶିକ୍ଷକମାନଙ୍କ ଭୂମିକା ଶୀର୍ଷକ ଏକ ୱେବିନାର ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ଏମ୍. ଆଇବ୍ରହ୍ମମଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ସାଇକୋଲୋଜି କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମୀନା ହରିହରନ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସେ ସୁଦୂରପ୍ରସାରୀ ଅଭିଜ୍ଞତାକୁ ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ହରିହରନ ଏକ ଛୋଟ ଅନୁଷ୍ଠାନରୁ କାର୍ଯ୍ୟ ଆରମ୍ଭ କରି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାତ୍ରା କରିବାର ଅନୁଭୂତି ପ୍ରକାଶକରି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ସାଇକୋଲୋଜି କେନ୍ଦ୍ର କିଭଳି ଏବେ ଦେଶର ଏକ ନମ୍ବର ସ୍ଥାନରେ ପହଞ୍ଚିପାରିଛି ବର୍ଣ୍ଣନା କରିଥିଲେ। ଶିକ୍ଷା ଅନୁଷ୍ଠାନ କେବଳ ଇଟା ଓ ସିମେଣ୍ଟରେ ଗଠନ ହୁଏ ନାହିଁ । ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ଶିକ୍ଷକମାନଙ୍କ ନିଷ୍ଠାପର ନିରବଚ୍ଛିନ୍ନ ଉଦ୍ୟମ ଶିକ୍ଷା ଅନୁଷ୍ଠାନକୁ ସଫଳତା ଦେଇଥାଏ ବୋଲି ହରିହରନ ପ୍ରକାଶ କରିଥିଲେ। ଶିକ୍ଷାଦାନରେ ନୂତନତ୍ୱ ଉପରେ ଗୁରୁତ୍ୱାରୋପ କରି ସେ ଅଧାପକମାନଙ୍କ ଉତ୍ସର୍ଗୀକୃତ ତଥା ନିରନ୍ତନ ଉଦ୍ୟମ ଯୋଗୁ ଏହି ବିଶ୍ୱବିଦ୍ୟାଳୟ ବିଶ୍ୱର ସର୍ବୋତ୍ତମ ବିଶ୍ୱବିଦ୍ୟାଳୟ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ପ୍ରଫେସର ଭାଗବତ ପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପରିଦର୍ଶକ ପ୍ରଫେସରମାନେ ୱେବିନାରରେ ଶିକ୍ଷା ଅନୁଷ୍ଠାନ ନିର୍ମାଣରେ ସେମାନଙ୍କ ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ ।କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ବିଭାଗ ଡିନ୍ ପ୍ରଫେସର ଶରତ କୁମାର ପାଲିତା ଅଧକ୍ଷତା କରି ଗତ ୧୨ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ନିର୍ମାଣରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ସମାଜ ବିଜ୍ଞାନ ବିଭାଗ ପ୍ରଫେସର ପି. ଦୁର୍ଗାପ୍ରସାଦ ଅଧିବେଶନ ପରିଚାଳନା କରିଥିଲେ । ପରୀକ୍ଷା ନିୟନ୍ତ୍ରକ ଡକ୍ଟର ରାମଶଙ୍କର ଅତିଥିମାନଙ୍କୁ ପରିଚୟ ଦେଥିଲେ ।

# ପାନୀୟ ଜଳ ଯୋଗାଣ,ବିଦ୍ୟୁତ୍ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

କୋରାପୁଟ,୧୩।୪(ସ୍ୱ.ପ୍ର.)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

**ଲୋଭୋଲଟେଜ୍ ଯୋଗୁ ଚାଲିପାରୁନି ପମ୍ପହାଉସ୍**

କୋରାପୁଟ ପୌରାଞ୍ଚଳ ଅନ୍ତର୍ଗତ ବଡଚିନ୍ଦ୍ରି ଗ୍ରାମରେ ପାନୀୟ ଜଳ ସଙ୍କଟ ସହ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ଦାବି ନେଇ ମଙ୍ଗଳବାର ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ୧୬ ନମ୍ବର ୱାର୍ଡରେ ଥିବା ଏହି ଗ୍ରାମର ଜନସଂଖ୍ୟା ପ୍ରାୟ ୨ହଜାର ରହିଛି। ସଦର ମହକୁମାଠାରୁ ମାତ୍ର ୨ କି.ମି. ଦୂରରେ ଏହି ଗ୍ରାମ ରହିଥିଲେ ମଧ ଗ୍ରାମର ଏହି ସମସ୍ୟା ଦୂର କରାଯାଉନାହିଁ। ଗ୍ରାମରେ ମାତ୍ର ୪ଟି ନଳକୂପ ଥିଲେ ମଧ ସେଥିରୁ ବାହାରୁଥିବା ଜଳ ଅଧିକାଂଶ ସମୟରେ ଗ୍ରାମବାସୀଙ୍କୁ ନିଅଣ୍ଟ ପଡୁଛି। ଏହି ସମସ୍ୟା ଦୂର ପାଇଁ ଗ୍ରାମରେ ଏକ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ ଲାଗି ପଦକ୍ଷେପ ନେଇ ପମ୍ପହାଉସ୍ ନିର୍ମାଣ କରାଗଲା। ଫଳରେ ସେତେବେଳେ ଗ୍ରାମବାସୀ ସେମାନଙ୍କ ଜଳକଷ୍ଟ ଦୂର ହେବ ବୋଲି ଭାବିଥିଲେ। ମାତ୍ର ବିଦ୍ୟୁତ୍ ଲୋ ଭୋଲଟେଜ୍ ଯୋଗୁ ଏହି ପ୍ରକଳ୍ପ ଠିକ୍ ରୂପେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଯଦ୍ୱାରା ଆମେ ଗ୍ରାମବାସୀ ପୂର୍ବପରି ଜଳକଷ୍ଟ ଭୋଗୁଛୁ ବୋଲି ଗ୍ରାମର ରମା ଜାନି, ଗୌରୀ ମାଝି, ଭଗବତୀ ମାଝି, ଦେବସ୍ମିତା ହନ୍ତାଳ, କମଳା ମୁଦୁଲି ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଲୋ-ଭୋଲଟେଜ୍ ସମସ୍ୟା ସମାଧାନ କରି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଏଥିସହ ଗ୍ରାମର ସସ୍ମିତା ମାଝି, ସୁଚିତ୍ରା ମାଝି, ସଞ୍ଜୟ ଜାନି, ସୁରେଶ ମାଝି, ପିଙ୍କୁ ମୁଦୁଲିଙ୍କ ସମେତ ବହୁ ଗ୍ରାମବାସୀ ଜିଲା ସହରାଞ୍ଚଳ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷ ଏବଂ ସାଉଥକୋ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ଏପ୍ରିଲ୍ ୧୪, ୨୦୨୧



## ସଂକ୍ଷେପରେ

### ବଜ୍ରପାତରେ ୭ ଗୋରୁ ମୃତ



ଚନ୍ଦ୍ରପୁର, ୧୩।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅଧୀନ ଆଇନକୁପୁଡ଼ା ଗ୍ରାମରେ ବଜ୍ରପାତ ଘଟି ୭ ଗୋରୁଙ୍କ ମୃତ୍ୟୁ ହୋଇଛି। ଖବରପାଇ ଚନ୍ଦ୍ରପୁର ବ୍ଲକର ପ୍ରାଣୀ ଚିକିତ୍ସା ବିଭାଗର ଭି.ଏସ୍. ଶଙ୍କର ହିଆଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରକାଶ ଯେ, କେଶବ ମାନପିଲିଙ୍ଗଙ୍କ ୩ ବାଛୁରୀ, ରାମାରାଓ ସାବିଲିଙ୍ଗିଙ୍କ ଗୋଟିଏ ଗାଈ ଓ ବାଛୁରୀ ଓମି ଦିବାକାଙ୍କ ଗୋଟିଏ ବଳଦ, ଗୋଟିଏ ଗାଈ ଓ ବାଛୁରୀ ସୋମବାର ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ହଠାତ୍ ଘଡଘଡି ସହ ବର୍ଷା ହୋଇଥିଲା। ତେନ୍ତୁଳିଗଛ ତଳେ ଆଶ୍ରୟ ନେଇଥିବାବେଳେ ବଜ୍ରପାତ ହେବାରୁ ୮ ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା। ପ୍ରାଣୀ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ୭ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି। ରାଜସ୍ୱ ବିଭାଗ ତଦନ୍ତ କରି ରିପୋର୍ଟ ଦେଲେ ସହାୟତା ମିଳିବ ବୋଲି ସେ କହିଛନ୍ତି। ଏ ନେଇ ହନୁମନ୍ତପୁର ରାଜସ୍ୱ ନିରୀକ୍ଷକ ବାପୁନ ବେହେରାଙ୍କୁ ପଚାରିବାରୁ ୭ ଗୋରୁ ମରିଥିବା ନେଇ ତହସିଲ କାର୍ଯ୍ୟାଳୟକୁ ରିପୋର୍ଟ କରିଛି ବୋଲି କହିଛନ୍ତି।

### ଅବକାରୀ ଚଢ଼ାଉ

ରାୟଗଡ଼ା ଅଫିସ, ୧୩।୪- ସିଲ୍ ହୋଇଥିବା ଭାଟି ଭିତରେ ଚୋରାମଦ କାରବାର ଅଭିଯୋଗରେ ରାୟଗଡ଼ା ଅବକାରୀ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୨୪୦ ଲିଟର ଦେଶୀମଦ ଜବତ କରାଯାଇଛି। ପ୍ରକାଶ ଯେ, ଠିକ୍ ସମୟରେ ଲାଇସେନ୍ସ ଟଙ୍କା ପୈଠ ନ କରିବାରୁ କଲ୍ୟାଣସିଂହପୁର ଶିକରପାଇସ୍ଥିତ ଶିବପ୍ରସାଦ ସାହୁ ଏବଂ ସନ୍ସ ନାମକ ଏକ ଦେଶୀ ମଦଭାଟିକୁ ଅବକାରୀ ବିଭାଗ ୧ତାରିଖରେ ସିଲ୍ କରିଛି। ତଥାପି ମଙ୍ଗଳବାର ଭାଟି ମ୍ୟାନେଜର ସରୋଜ କୁମାର ଗୁପ୍ତା କେତେଜଣ ସହଯୋଗୀଙ୍କ ସହ ମିଶି ଚୋରା ମଦ କାରବାର କରୁଥିଲେ। ଖବରପାଇ ଜିଲା ଅବକାରୀ ଭ୍ରାମ୍ୟମାଣ ଉପନିରୀକ୍ଷକ ନିଜ ଟିମ୍ ଓ କଲ୍ୟାଣସିଂହପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସହ ମିଶି ସେଠାରେ ଚଢ଼ାଉ କରିଥିଲେ। ସେହିପରି ଗୁଣପୁର ଅବକାରୀ ଦଳ ଚୋରାମଦ କାରବାର ଅଭିଯୋଗରେ ଜଣକୁ ଅଟକ ରଖିଛି।

### ଦିନକରେ ୨୫ ପଜିଟିଭ୍ ଚିହ୍ନଟ

ରାୟଗଡା ଅଫିସ, ୧୩।୪- ରାୟଗଡା ଜିଲାରେ କରୋନା ବଢିବାରେ ଲାଗିଛି। ମଙ୍ଗଳବାର ଜିଲାରୁ ୨୫ ଜଣ ପଜିଟିଭଙ୍କୁ ଚିହ୍ନଟ କରାଯାଇଛି। ବିଷମକଟକ, ଗୁଣପୁର ସହରାଞ୍ଚଳ,କୋଲନରାରୁ ଜଣେ ଲେଖାଏ ପିଜିଟିଭ ଚିହ୍ନଟ ହୋଇଛନ୍ତି। ସେହିଭଳି କଲ୍ୟାଣସିଂହପୁରରୁ ୨, ମୁନିଗୁଡ଼ାରୁ ୬, ରାୟଗଡା ଗ୍ରାମାଞ୍ଚଳରୁ ୩ ଓ ରାୟଗଡା ସହରାଞ୍ଚଳରୁ ୧୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲା ପ୍ରଶାସନ ସଂକ୍ରାମଣ ରୋକିବାକୁ ଲୋକଙ୍କୁ ସଚେତନ କରୁଛି। ଜିଲାରୁ ଆନ୍ଧ୍ରକୁ ସଂଯୋଗ କରୁଥିବା ସମସ୍ତ ସୀମା ସିଲ୍ କରାଯାଇଛି। ସୀମାରେ ଯାଞ୍ଚ କଡାକଡି କରାଯାଉଛି।

### ହିନ୍ଦୁ ନବବର୍ଷ ପାଳିତ

ଗୁଣପୁର,୧୩।୪(ଡି.ଏନ୍.ଏ.)-ରାୟଗଡା ଜିଲା ଗୁଣପୁର ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଆରଏସ୍ଏସ୍ ପକ୍ଷରୁ ହିନ୍ଦୁ ତଥା ରାଷ୍ଟ୍ରୀୟ ନବ ବର୍ଷ ପାଳନ କରାଯାଇଛି। ଆରଏସ୍ଏସ୍ର ଖଣ୍ଡ ସେବା ପ୍ରମୁଖ କୁଞ୍ଜ ବିହାରି କଂସ ବେହେରା ମୁଖ୍ୟବକ୍ତା, ବିଶିଷ୍ଟ ଚାଷୀ ଭଗବତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ମଞ୍ଚାସୀନ ଥିଲେ। ଆରଏସ୍ଏସର ଜିଲା କାର୍ଯ୍ୟବାହ ଦିଲ୍ଲୀପ ପଣ୍ଡା ଭୂମି ସୁପୋଷଣ ତଥା ଜୈବିକ ସାର ପ୍ରୟୋଗ ଏବଂ ଚାରାରୋପଣ ମତ ଦେଇଥିଲେ। ଖଣ୍ଡ କାଯର୍ୟ୍ୟବାହ ବାଲ ଗୋପାଲ ପାଢି, ମୁଖ୍ୟ ଶିକ୍ଷକ ସୁବ୍ରତ ପଣ୍ଡା ଉପସ୍ଥିତ ଥିଲେ। ସହିପରି ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସଏସର ଜିଲା ସେବା ପ୍ରମୁଖ ବାମଦେବ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ହିନ୍ଦୁ ନବବର୍ଷ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ, ଅନୁଷ୍ଠାନ ସମ୍ପାଦକ ସୋମନାଥ ଗୌଡ, ସଭାପତି ବି.ଗଜପତି ରାଓ, ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ ହିନ୍ଦୁ ଶାସ୍ତ୍ର ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟା ରେଣୁକା ପାତ୍ର ତିଥି ଏବଂ ଅମୃତ ବଚନ ପାଠ କରିଥିଲେ। ଆଚାର୍ଯ୍ୟ କରନ କଂସ ବେହେରା ମନୋଜ ମହାରାଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଙ୍ଗନୱାଡି ସହାୟିକା ନିଯୁକ୍ତିରେ ଠିକ୍ ପ୍ରାର୍ଥୀ ଚୟନ ଦାବି

## ବିଡିଓଙ୍କୁ ଭେଟିଲେ ପରଜା ଦେଓପାଲି ଗ୍ରାମବାସୀ

ତେନ୍ତୁଳିଖୁଣ୍ଟି, ୧୩।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ଦେଓପାଲି ଗ୍ରାମସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ପଦବୀ ଖାଲି ରହିଛି। ଏଥିପାଇଁ ଗ୍ରାମବାସୀ ଜଣେ ପ୍ରାର୍ଥୀଙ୍କୁ ମନୋନୀତ କରିଛନ୍ତି। ଇତିମଧ୍ୟରେ ଅନ୍ୟ ଜଣେ ପ୍ରାର୍ଥୀଙ୍କ ଜାଗାରେ ଅଙ୍ଗନୱାଡି କେନ୍ଦ୍ର କରାଯାଇଛି। ତେଣୁ ତାଙ୍କୁ ମନୋନୀତ କରାଯାଉ ବୋଲି ସେ କହୁଛନ୍ତି। ଗ୍ରାମବାସୀ ମଙ୍ଗଳବାର ବିଡିଓ ପଦ୍ମନାଭ ତ୍ରିପାଠୀଙ୍କୁ ଭେଟି ଠିକ୍ ପ୍ରାର୍ଥୀ ଚୟନ କରାଯାଉ ବୋଲି ଦାବି କରିଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ଦେଓପାଲି ଅଙ୍ଗନୱାଡି କେନ୍ଦ୍ର ସହାୟିକା ବାଇମୁଣ୍ଡି ମୁଦୁଲିଙ୍କ ମୃତ୍ୟୁ ପରେ ସହାୟିକା ପଦବୀ ଖାଲି ପଡ଼ିଛି। ଗତ ନଭେମ୍ବରରେ ଏହି ପଦବୀ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସୁପରଭାଇଜର ସନ୍ଧ୍ୟାରାଣୀ ହେମ୍ବ୍ରମ୍ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ମଞ୍ଜିତ କୌରଙ୍କ ଉପସ୍ଥିତିରେ ଉକ୍ତ ଗାଁରେ ଏକ ବୈଠକ କରିଥିଲେ। ଗାଁର ଜଣେ ବୋହୂ ଯାହାଙ୍କର ଶିକ୍ଷାଗତ ଯୋଗ୍ୟତା ନବମ ପାସ୍ ଗ୍ରାମବାସୀ ତାଙ୍କୁ ସହଯୋଗ କରିଥିଲେ। ଏହି ସମୟରେ ଗ୍ରାମର ଅନ୍ୟ ଜଣେ ଏହାକୁ ବିରୋଧକରି ତାଙ୍କୁ ସହାୟିକାଭାବେ ମନୋନୀତ କରିବାକୁ କହିଥିଲେ। ତାଙ୍କ ଜମିରେ ଅଙ୍ଗନୱାଡି କେନ୍ଦ୍ର କରାଯାଇଛି, ତେଣୁ ତାଙ୍କୁ ମନୋନୀତ କରାଯାଉ ବୋଲି ସେ ଦାବି କରିଥିଲେ। ତାଙ୍କ ଶିକ୍ଷାଗତ ଯୋଗ୍ୟତା କିନ୍ତୁ ତୃତୀୟ ପାସ୍। ଏହାପରେ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ଗତ ସପ୍ତାହରେ ପୁନର୍ବାର ସୁପରଭାଇଜର ଏମ୍. ଅରୁଣୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇ ଗ୍ରାମବାସୀଙ୍କ ମତ ନିଆଯାଇଥିଲା। ଗ୍ରାମବାସୀ ନିଜ ପୂର୍ବ ମତରେ ଅଟଳ ଥିଲେ। କିନ୍ତୁ ପରଦିନ ଅନ୍ୟ ପ୍ରାର୍ଥୀ ଜଣକ ଅଙ୍ଗନୱାଡିରେ ରୋଷେଇ କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ମଙ୍ଗଳବାର ଗ୍ରାମବାସୀ ବିଡିଓଙ୍କୁ ଭେଟି ଉପଯୁକ୍ତ ପ୍ରାର୍ଥୀ ଚୟନ କରାଯାଉ ବୋଲି କହିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଯେଉଁ ଜମିରେ ରହିଛି ତାହା ସରକାରୀ ଅନାବାଦୀ ଜମି। ଉକ୍ତ ଜମିର ଖାତା ନମ୍ବର ୫୬ ଏବଂ ପ୍ଲଟ୍ ନମ୍ବର ୧୩୦ ବୋଲି ବିଡିଓ ପ୍ରମାଣ ଦେଖାଇଥିଲେ। ବିଡିଓ ଏ ଦିଗରେ ପଦକ୍ଷେପ ନେବାକୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଜୁଗୁଡା ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ବାଘ ପରଜା ଦେଓପାଲି ଅଙ୍ଗନୱାଡି କେନ୍ଦ୍ର ସରକାରୀ ଅନାବାଦୀ ଜମିରେ ରହିଛି ବୋଲି ସ୍ପଷ୍ଟ କରିଛନ୍ତି।

# ସାପ୍ତାହିକ ହାଟରେ ସଚେତନ କରି ମାସ୍କ ବାଣ୍ଟିଲେ



ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦ ସଦସ୍ୟମାନେ ମାସ୍କ ପିନ୍ଧାଉଛନ୍ତି।

ନବରଙ୍ଗପୁର/ନନ୍ଦାହାଣ୍ଡି, ୧୩।୪,(ବି.ପ୍ର.)

ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦ ପକ୍ଷରୁ ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ସାପ୍ତାହିକ ହାଟରେ ଅତିରିକ୍ତ ତହସିଲଦାର ଏବଂ ଡଙ୍ଗରଭେଜା ଫାଣ୍ଡି ଅଧିକାରୀଙ୍କ ସହଯୋଗରେ କରୋନା ସଚେତନତା କରାଯାଇଛି। ଏଥିରେ ନନ୍ଦାହାଣ୍ଡି ବ୍ଲକ ୟୁନିଟ ସଭାପତି କିଶୋର କୁମାର ହିଆଲ, ଉପସଭାପତି ଆଶିଷ କୁମାର କନ୍ଧପାନ, ସମ୍ପାଦକ ଅମେଶ ଚନ୍ଦ୍ର ଭତ୍ରା, ସୁନୀଲ ଦୁଖୁଙ୍କ ସହ ପରିଷଦର ଜିଲା ସଭାପତି ସୁଧୀର ପାତ୍ର, ଜିଲା ସାଧାରଣ ସମ୍ପାଦକ ଗୌରବ କାଉରି, କୋଷାଧ୍ୟକ୍ଷ ଉରିୟ ଭତ୍ରା, ଜିଲା କୋର୍ କମିଟି ସଦସ୍ୟ ଦୟାନିଧି ସୁନା ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ମାସ୍କ ବାଣ୍ଟିଥିଲେ। ଫାଣ୍ଡି ଅଧିକାରୀ ଏବଂ ଅତିରିକ୍ତ ତହସିଲଦାର ଲୋକଙ୍କୁ ମାସ୍କ ପିନ୍ଧିବା, ସାବୁନରେ ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ସାନିଟାଇଜର ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରସଂଶା କରିବା ସହିତ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

# ଦେଶ, ଧର୍ମ ରକ୍ଷା ଶପଥ ସହ ଗୋମାତା ପୂଜନ

## ହିନ୍ଦୁ ମହାସଂଘ ପ୍ରତିଷ୍ଠା ଦିବସ, ରାଷ୍ଟ୍ରୀୟ ନବବର୍ଷ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ନବରଙ୍ଗପୁର/ଡାବୁଗାଁ, ୧୩।୪ (ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ହିନ୍ଦୁ ମହାସଂଘ ପ୍ରତିଷ୍ଠା ଦିବସ ଏବଂ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ସରକାର ଏବଂ ଜିଲା ପ୍ରଶାସନର କୋଭିଡ୍-୧୯ ନିର୍ଦ୍ଦେଶନାମା ପ୍ରକାରେ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। କୋଭିଡ୍ କଟକଣା ଯୋଗୁ ସାଧାରଣ ସଭା ଏବଂ ବାଇକ୍ ରାଲି ବନ୍ଦ କରାଯାଇଛି। ମାସ୍କ ବଣ୍ଟନ ଏବଂ ସାନିଟାଇଜର ବ୍ୟବହାର ସହ ଗୋପୂଜନ ଏବଂ ଭାରତମାତା ପୂଜନ କରାଯାଇଥିଲା। ଏହି ଅବସରରେ ଏକ ନିରାଡମ୍ବର ବୈଠକରେ ହିନ୍ଦୁ ମହାସଂଘର ପ୍ରତିଷ୍ଠାତା ଜୟନ୍ତ କୁମାର ପାତ୍ର, ମାର୍ଗଦର୍ଶକ ମଣ୍ଡଳୀ ଅଧ୍ୟକ୍ଷ ବ୍ରହ୍ମ ଅବଧୂତ ସୌଭାଗ୍ୟ ବାବା, ପୂଜ୍ୟ ଗୋକର୍ଣ୍ଣ ବାବା, କେନ୍ଦ୍ରୀୟ ସଂଯୋଜକ ନରସିଂହ ତ୍ରିପାଠୀ, ଆଇନ ପରାମର୍ଶଦାତା ଅରୁଣ ନାୟକ, ଭବାନୀ ବାହିନୀ ପ୍ରମୁଖ ଅମ୍ବିକା ପ୍ରଧାନ, ମନୋଜ ମହାକୁଡ, ଯୁବ ଆଦିବାସୀ ନେତା ପଦ୍ମନ ନାୟକ, ଅଖଣ୍ଡ କେଶରିଆ ହିନ୍ଦୁ ପରିଷଦ ଜିଲା ସଭାପତି ମିହିର ଶଙ୍କର ପାତ୍ର, ଜୟପୁର ମଣ୍ଡଳ ମହାସଂଘ ପ୍ରମୁଖ ବଲ୍ଲବ ପାଢ଼ୀ, ବାବୁଲାଲ ହରିଜନ, ଗୁଲୁ ପାଣିଗ୍ରାହୀ, ରାଜେଶ ନିଗି, ଦୟାସିନ୍ଧୁ ମାଝି, ବାବୁଲି ପାଲ, ନରେନ୍ଦ୍ର ସାହୁ ଗୁଣଧର ଭତ୍ରା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରୀୟ ସମିତି ପ୍ରମୁଖ ତଥା ମହାସଂଘ ପ୍ରତିଷ୍ଠାତା ଜୟନ୍ତ କୁମାର ପାତ୍ର ଚୈତ୍ର ଶୁକ୍ଳ ପ୍ରତିପଦାର ମହତ୍ତ୍ୱ ଏବଂ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମହାସଂଘର କାର୍ଯ୍ୟକର୍ତ୍ତାମାନେ ସାଧୁସନ୍ଥମାନଙ୍କ ଆଶୀର୍ବାଦ ନେଇଥିଲେ। ପ୍ରସାଦ ସେବନ ପରେ ଦେଶ ଓ ଧର୍ମ ରକ୍ଷା ପାଇଁ ଶପଥ ନେଇଥିଲେ।

## ଚୋରଙ୍କୁ କାବୁ କରି ପୋଲିସରେ ଦେଲେ ଗ୍ରାମବାସୀ

ଦୁର୍ଗୀ, ୧୩।୪

ରାୟଗଡ଼ା ଜିଲା ଦୁର୍ଗୀ ପଞ୍ଚାୟତ ନୂଆ ଗାଁ ଗ୍ରାମବାସୀ ଜଣେ ଛେଳି ଚୋରଙ୍କୁ କାବୁ କରି ପୋଲିସର ଜିମା ଦେଇଛନ୍ତି। ଏହି ସମୟରେ ଆଉଜଣେ ଚୋର ଫେରାର ହୋଇଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ହେଲେ କୁର୍ଲି ଗ୍ରାମର ଇନ୍ଦ୍ରମଣୀ କରକରିଆ। ପ୍ରକାଶ ଯେ, ୧୦ ଦିନ ତଳେ କୁମୁଦ କାଡ୍ରାକାଙ୍କ ଏକ ଛେଳିକୁ ଅଭିଯୁକ୍ତ ଚୋରି କରି ନେଇଥିଲେ। ମଙ୍ଗଳବାର ସକାଳେ ଏକ ବାଇକ୍ (ଓଡି-୧୮ଏଚ୍- ୭୫୫୬)ରେ ଅଭିଯୁକ୍ତ ତାଙ୍କ ସହଯୋଗୀଙ୍କ ସହ ଗାଁକୁ ଆସିଥିଲେ। ଗ୍ରାମବାସୀ ସେମାନଙ୍କୁ ଘେରିଥିଲେ। ଏହି ସମୟରେ ଜଣେ ସେଠାରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଇନ୍ଦ୍ରଙ୍କୁ ଧରି ବିଷମକଟକ ପୋଲିସ ଜିମା ଦେଇଥିଲେ।

# ମା' ମାର୍କମାଙ୍କ ଅଳଙ୍କାର ଚୋରି



ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ବିଷମକଟକ, ୧୩।୪

ରାୟଗଡା ଜିଲା ବିଷମକଟକ ସହରର ଅଧିଷ୍ଠାତ୍ରୀ ମା' ମାର୍କମା ମନ୍ଦିରରୁ ଚୋରି ହୋଇଛି। ଏ ନେଇ ମଙ୍ଗଳବାର ମନ୍ଦିର କମିଟି ପକ୍ଷରୁ ବିଷମକଟକ ଥାନାରେ ଅଭିଯୋଗ କରାଯାଇଛି।

ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ତିନଟି ଗ୍ରୀଲ୍ ତାଲା ଭାଙ୍ଗି ମା'ଙ୍କ ୨ଟି ସୁନା ନାକଫୁଲ, ୪ଟି ରୂପା ଆଖି ଚୋରି କରିନେଇଛନ୍ତି। ମଙ୍ଗଳବାର ସକାଳୁ ଘଟଣା ସମ୍ପର୍କରେ ଜଣାପଡିବା ପରେ ମନ୍ଦିର କମିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବିଷମକଟକ ଏସ୍ଡିପିଓ ଆକାଶ କୁମାର ସାହୁ ଓ ଥାନାଧିକାରୀ ଯଶମନ୍ତ ହିଆଲ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରାୟଗଡ଼ାରୁ ଡଗ୍ ସ୍କ୍ୱାର୍ଡ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ କରିଛନ୍ତି। ଦୁର୍ବୃତ୍ତ ଗ୍ରୀଲ ଭାଙ୍ଗିବା ପରେ ଦାନ ହୁଣ୍ଡିର କବାଟ ଭାଙ୍ଗିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପୋଲିସ ଅଧାଭଙ୍ଗା ହୁଣ୍ଡିରୁ ୨୮,୯୦୦ ଟଙ୍କା ଜବତ କରି ପରିଚାଳନା କମିଟିକୁ ହସ୍ତାନ୍ତର କରିଛି।

# ଆକ୍ସନ ମୁଡ୍ରେ ପ୍ରଶାସନ, ୭ ଦୋକାନ ସିଲ୍



ଅଧିକାରୀମାନେ କୋଭିଡ୍ କଟକଣା ପାଳନ ସମ୍ପର୍କରେ ଯାଞ୍ଚ କରୁଛନ୍ତି।

ଉମରକୋଟ, ୧୩।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲାରେ କରୋନା ଗ୍ରାଫ୍ ବଢ଼ିବାରେ ଲାଗିଛି। ଗତ ୧୩ ଦିନରେ ଭିତରେ ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୨୨ରେ ପହଞ୍ଚିଛି। ସଂକ୍ରମଣ ରୋକିବା ସାଙ୍ଗକୁ ଅମାନିଆଙ୍କୁ ସାବାଡ୍ କରିବାକୁ ଆକ୍ସନ ମୁଡ୍ରେ ଜିଲା ପ୍ରଶାସନ। ଉମରକୋଟ୍ରେ ମଙ୍ଗଳବାର ଜିଲାପାଳ ଅଜିତ୍ କୁମାର ମିଶ୍ର ଓ ଏସ୍ପି ପ୍ରହଲ୍ଲାଦ ସାହାଇ ମୀନା ସହର ସାରା ବୁଲି ବୁଲି ଦୋକାନ ବଜାର ଓ ବିଭିନ୍ନ ବ୍ୟାଙ୍କର ସ୍ଥିତି ପରଖିଛନ୍ତି। ମାସ୍କ ପିନ୍ଧା ଓ ସାମାଜିକ ଦୂରତା ରକ୍ଷା ଠିକ୍ଭାବେ ରହୁଛି ନା ନାହିଁ ତାହା ଯାଞ୍ଚ କରିଛନ୍ତି। କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ୭ ଦୋକାନକୁ ସିଲ୍ କରାଯାଇଛି। ଏଥିସହ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଯାଞ୍ଚ ଠିକ୍ ଚାଲିଛି ନା ନାହିଁ ତାହା ତଦାରଖ କରିଥିଲେ। ପଞ୍ଚାୟତସ୍ତରରେ ସରପଞ୍ଚଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରହିବା ପାଇଁ ପରାମର୍ଶ ଦେବା ସହ ଜିଲା ପ୍ରଶାସନକୁ ଖବର ଦେବାକୁ କୁହାଯାଇଛି। ଜରୁରୀ ନ ଥିଲେ ବାହାରକୁ ବାହାରନ୍ତୁ ନାହିଁ ବୋଲି ଜିଲାପାଳ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଜିଲାପାଳ, ଏସ୍ପିଙ୍କ ସମେତ ଉପଜିଲାପାଳ ଭାସ୍କର ରଇତ, ଉମରକୋଟ ଏସ୍ଡିପିଓ ଦୀନେଶ ଚନ୍ଦ୍ର ନାୟକ, ଥାନାଧିକାରୀ ନରେଶ କୁମାର ପ୍ରଧାନ, ତହସିଲଦାର ଡା.ହିମାଞ୍ଚଳ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ମାଡ଼ମାରି ଟଙ୍କା ଛଡେଇ ନେବା ଅଭିଯୋଗରେ ୩ ଗିରଫ



ପୋଲିସ ଗହଣରେ ଗିରଫ ଅଭିଯୁକ୍ତମାନେ।

ଉମରକୋଟ, ୧୩।୪(ସ୍ୱ.ପ୍ର.)

ମାଡ ମାରି ଜଣେ ଲୋକଙ୍କଠାରୁ ଟଙ୍କା ଛଡେଇ ନେବା ଅଭିଯୋଗରେ ଉମରକୋଟ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାଳପଦର ଗାଁର ସୁରେନ୍ଦ୍ର ହରିଜନ, ସନପଥ ହରିଜନ, ରାମଚନ୍ଦ୍ର ହରିଜନ।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅଧୀନ ବରକୁଡି ଗ୍ରାମର ପ୍ରତାପ ବେହେରାଙ୍କୁ ସୁନା ଶଙ୍ଖ ଦେବାକୁ ଫେବୃୟାରୀ ୯ରେ ଯୋଗାଯୋଗ କରିଥିଲେ। ଶଙ୍ଖ ଦେଖିବା ପରେ ପ୍ରତାପ ୨୫ରେ ଟଙ୍କା ଧରି ଉମରକୋଟରେ ପହଞ୍ଚି ଥିଲେ। କିନ୍ତୁ ମନରେ କିଛି ସନ୍ଦେହ ଆସିବାରୁ ସେ ଟଙ୍କା ନ ଦେଇ ଫେରିଯିବାକୁ ବାହାରିଥିଲେ। ଏହା ଦେଖି ଦୁର୍ବୃତ୍ତମାନେ ତାଙ୍କୁ ମାଡ ମାରି ଜୋର ଜବରଦସ୍ତି ଟଙ୍କା ଛଡାଇ ରଖିଥିଲେ। ଘଟଣାର ୪୬ ଦିନ ପରେ ପ୍ରତାପ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି କେଶ୍ ନଂ. ୧୪୫/୨୧ରେ ମାମଲା ରୁଜୁ କରିଥିଲେ। ମଙ୍ଗଳବାର ତାଳପଦରରେ ପହଞ୍ଚି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୪୦୦୦୦ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍ ଗଠନ କରାଯାଇଥିଲା। ଏଥିରେ ରାଧାକାନ୍ତ ବାରିକ, ରଞ୍ଜିତା ବେହେରା ପ୍ରମୁଖ ସାମିଲ ଥିଲେ।

## ଡାବୁଗାଁ ରୁ ୪ ଆକ୍ରାନ୍ତ ଚିହ୍ନଟ

ଡାବୁଗାଁ, ୧୩।୪ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ପଞ୍ଚାୟତକନ୍ୟାଶ୍ରମ ବିଦ୍ୟାଳୟରୁ ୨, ଚଚରାଗୁଡା ପଞ୍ଚାୟତ ହଳଦୀ ଗ୍ରାମରୁ ୧, ବଡଓଲମା ପଞ୍ଚାୟତ ଶିଙ୍ଗିଗୁଡା ଗ୍ରାମରୁ ୧ଜଣ ପଜିଟିଭ ମଙ୍ଗଳବାର ଚିହ୍ନଟ ହୋଇଛନ୍ତି। ହଳଦୀ ଗ୍ରାମର କମୁଲୁ ଗୌଡଙ୍କ ଘର ଓ ବଡଓଲମା ପଞ୍ଚାୟତର ଶିଙ୍ଗିଗୁଡା ଗ୍ରାମର ମୁକେଶ ହରିଜନଙ୍କ ଘରକୁ କଣ୍ଟେନମେଣ୍ଟ ଜୋନ ଭାବେ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ୨୩ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ପ୍ରଶାସନ ପକ୍ଷରୁ ଡାବୁଗାଁ ବସଷ୍ଟାଣ୍ଡରେ ମାସ୍କ ଯାଞ୍ଚ ଚାଲିଛି।

## ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ମୁନିଗୁଡ଼ା, ୧୩।୪(ଡି.ଏନ୍.ଏ.)

ମୁନିଗୁଡା ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ବ୍ରହ୍ମାନନ୍ଦ ଆଚାରି ମୁଖ୍ୟ ଅତିଥି, ବରିଷ୍ଠ ଖବରଦାତା ମନୋରଞ୍ଜନ ଦଳାଇ ମୁଖ୍ୟବକ୍ତା ଓ ସମ୍ପାଦକ ବିଦ୍ୟାଧର ଦାଶ ସମ୍ମାନିତଅତିଥିଭାବେ ଯୋଗଦେଇଥିଲେ। ହିନ୍ଦୁ ନବବର୍ଷ ଭାରତୀୟ ସଭ୍ୟତା, ସଂସ୍କୃତି ଓ ପରମ୍ପରାର ଧରୋହର ବୋଲି ଅତିଥି ମାନେ କହିଥିଲେ। ହିନ୍ଦୁମାନେ ଜାନୁଆରୀ ୧ ପରିବର୍ତ୍ତେ ଏହି ଦିନକୁ ଧୁମ୍ଧାମରେ ପାଳିଲେ ଏହା ଆମ ସଂସ୍କୃତି ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ସେମାନେ କହିଛନ୍ତି।

## ମାଙ୍ଗାଲୋରରୁ ନାବାଳକ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ନିବେଦନ

ଗୁଣପୁର, ୧୩।୪(ଡି.ଏନ୍.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକର ଦୁଇଟି ଗ୍ରାମର ୮ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇଥିବାବେଳେ ସେଠାରେ ସେମାନେ ନିର୍ଯ୍ୟାତନାର ଶୀକାର ହେଉଛନ୍ତି। ସେମାନଙ୍କୁ ଉଦ୍ଧାର କରିବାକୁ ନାବାଳକ ଦାଦନ ଶ୍ରମିକମାନେ ପରିବାର ଲୋକଙ୍କୁ ଭିଡିଓ ମେସେଜ୍ ପଠାଇଛନ୍ତି। ଏହାପରେ ତାଙ୍କ ପରିବାର ଲୋକେ ପାଇଁ ମଙ୍ଗଳବାର ରାୟଗଡ଼ା ଏସ୍ପି, ଗୁଣପୁର ଉପଜିଲାପାଳ, ଏସଡିପିଓ, ଆଇଆଇସି ଏବଂ ଶ୍ରମଅଧିକାରୀଙ୍କୁ ମଙ୍ଗଳବାର ପତ୍ର ଲେଖି ସେମାନଙ୍କ ପିଲାମାନଙ୍କୁ ଉଦ୍ଧାର କରିବାକୁ ଦାବି କରିଛନ୍ତି। ପ୍ରକାଶ ଯେ, ପଦ୍ମପୁର ବ୍ଲକ ଗୁଲୁଗୁଡା ପଞ୍ଚାୟତ ଦଣ୍ଡାଗୁଡି ଗ୍ରାମର ବାଲାଜି ଗମାଙ୍ଗ ମାଙ୍ଗାଲୋରରେ କାମ କରାଇ ଦେବାକୁ କହି ଘନାନ୍ତ୍ରି ପଞ୍ଚାୟତ ସାମ୍ପିନି ଗ୍ରାମର ୩ ଏବଂ ଜଲତାର ପଞ୍ଚାୟତ ଲୁଙ୍ଗୁରତାଲ ଗ୍ରାମର ୫ଜଣ ନାବାଳକଙ୍କୁ ଗତ ୨୭ ତାରିଖରେ ତାଙ୍କ ସହ ନେଇ ଯାଇଥିଲେ। ସେଠାରେ ମାରିନା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ ନାମକ ଏକ କମ୍ପାନୀରେ ଛାଡି କାମ କରିବାକୁ ଛାଡିଦେଇ ଆସିଥିଲେ। ହେଲେ ସେଠାରେ ନାବଳାକମାନେ ନିର୍ଯ୍ୟାତନା ପାଉଥିବା ସେମାନେ ଅଭିଯୋଗ କରିଛନ୍ତି। ସେଠାରେ ଠିକ୍ଭାବେ ଖାଇବାକୁ ଦିଆଯାଉ ନ ଥିବା ବେଳେ ଦେହ ଖରାପ ହେଲେ ଚିକିତ୍ସା ଯୋଗାଇ ଦିଆଯାଉନି ବୋଲି ପରିବାର ଲୋକେ ପତ୍ରରେ ଉଲ୍ଲେଖ କରିଛନ୍ତି।

# ସୀମା ସିଲ୍ ପରେ ବଢ଼ିଲାଣି ଗୁଟ୍ଖ କଳାବଜାର

## ଖାଦ୍ୟ ସାମଗ୍ରୀ ଦରଦାମ ବଢିବା ଆଶଙ୍କାରେ ସ୍ଥାନୀୟ ଲୋକେ

ଉମରକୋଟ, ୧୩।୪(ସ୍ୱ.ପ୍ର.)

ରାଜ୍ୟ ସରକାର କରୋନା ସଂକ୍ରମଣକୁ ଦେଖି ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଜିଲାକୁ ସିଲ୍ କରିଛନ୍ତି। ଏପଟେ ଜିଲା ପ୍ରଶାସନ ଗୁଟ୍ଖା ଖାଇ ସର୍ବସାଧାରଣରେ ଛେପ ପକାଇବ ଉପରେ ରୋକ ଲଗାଇଛି। ସେପଟୁ ଆସୁଥିବା ଗୁଟୁଖା ଏବେ ବନ୍ଦ। ଏହି ପରି ସ୍ଥଳେ ବଡ ବଡ କିଛି ବ୍ୟବସାୟୀ ଏହାର ଫାଇଦା ଉଠାଉ ଥିବା ଦେଖିବାକୁ ମିଳୁଛି। ବଡ ବ୍ୟବସାୟୀ ମାନେ ଅଧିକ ପରିମାଣର ଗୁଟୁଖା ଆଣି ଗଚ୍ଛିତ କରି ରଖି ଖୁଚୁରା ବ୍ୟବସାୟୀଙ୍କୁ ପ୍ରତି ପେକେଟ ପିଛା ୫୦ ରୁ ୭୦ ଟଙ୍କା ଚଢା ଦରରେ ବିକ୍ରି କରୁଛନ୍ତି। ବିଗତ ଦିନରେ ଛୋଟ ଛୋଟ ବେପାରୀଙ୍କ ଠାରୁ ମୋଟ ଅଙ୍କର ଫାଇନ ଆଦାୟ କରାହୋଇଛି। ବଡ ବେପାରୀଙ୍କ ଗୋଦାମ ଉପରେ ଚଢ଼ାଉ କରଥିଲେ ଭଲ ହୁଅନ୍ତା ବୋଲି ଖୁଚୁରା ବେପାରୀମାନେ କହିଛନ୍ତି। ସୀମା ସିଲ ହେବାର କିଛି ଦିନ ଭିତରେ ଯଦି ଗୁଟୁଖାକୁ ନେଇ କଳାବଜାର ଆରମ୍ଭ ହୋଇ ଗଲାଣି ତାହେଲେ ଆଗକୁ ଖାଦ୍ୟ ପଦାର୍ଥ ଉପରେ ବି କଳା ବଜାରୀ ହୋଇପାରେ। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି। ଏ ନେଇ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ ମଳୟ ତ୍ରିପାଠୀଙ୍କ ସହ ଯୋଗା ଯୋଗ କରିବାରୁ, ଘଟଣା ସମ୍ପର୍କରେ ଅନୁଧ୍ୟାନ ଚାଲିଛି ନିକଟ ଭବିଷ୍ୟତରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ରହୁନି ସାମାଜିକ ଦୂରତା, ସବୁଠି ଭିଡ଼

ଟିକିରି, ୧୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ପୁଣି କରୋନା ସଂକ୍ରମଣ ବଢ଼ୁଛି। ଏହାକୁ ନଜରରେ ରଖି ଜିଲା ପ୍ରଶାସନ ପକ୍ଷରୁ କଟକଣାକୁ କଡ଼ାକଡ଼ି କରାଯାଇଛି। ଜିଲାପାଳ ଏବଂ ଏସ୍ପି ନିଜେ ଦୋକାନ, ବଜାର ବୁଲି ଲୋକଙ୍କୁ ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତା ନିୟମ ପାଳନ ନିମନ୍ତେ ସଚେତନ କରୁଛନ୍ତି। ତଥାପି ଲୋକେ ସଚେତନ ହେଉନାହାନ୍ତି।



କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଭିଡ ଜମିଛି ।

ଏହାର ସ୍ପଷ୍ଟ ଉଦାହରଣ ଦେଖିବାକୁ ମିଳିଛି ଜିଲାର କାଶୀପୁର ବ୍ଲକ୍ରେ। କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକେ ସାମାଜିକ ଦୂରତାକୁ ବେଖାତିରକରି ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ସେହିପରି ଅନେକ ଲୋକ ଠିକ୍ଭାବେ ମାସ୍କ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା। କେବଳ ସ୍ୱାସ୍ଥ୍ୟକେନ୍ଦ୍ର ନୁହେଁ, ବ୍ୟାଙ୍କ, ତେଜରାତି ଦୋକାନ, ଆମିଷ ଦୋକାନ ସମେତ ବିଭିନ୍ନ ସ୍ଥାନରେ ବ୍ୟବସାୟୀ ଏବଂ ଗ୍ରାହକ କରୋନା ଗାଇଡ୍ଲାଇନ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ତେଣୁ ଜନସାଧାରଣଙ୍କ ସହଯୋଗ ବିନା ପ୍ରଶାସନ କରୋନା ପରିସ୍ଥିତିର ମୁକାବିଲା କରିବା ସମ୍ଭବ ନୁହେଁ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।